# NATIONAL NEWS BULLETIN (ODIA)

**23 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସରକାରଙ୍କ ପ୍ରାଥମିକତା ହେଉଛି ଯୁବବର୍ଗଙ୍କ ସାମର୍ଥ୍ୟ ଓ ପ୍ରତିଭାକୁ ସମ୍ପୂର୍ଣ୍ଣ ରୂପେ ଉପଯୋଗ କରିବା - କହିଲେ ପ୍ରଧାନମନ୍ତ୍ରୀ ।

- ପରିସଂଖ୍ୟାନରେ ନିରନ୍ତର ଉନ୍ନତି ଓ ପୁନଃ ଦକ୍ଷତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ନୀତି ଆୟୋଗ ମୁଖ୍ୟ ପରିଚାଳନା ଅଧିକାରୀ ।

- ଭାରତୀୟ-ଆମେରିକୀୟ ଉଦ୍ୟୋଗୀ ଶ୍ରୀରାମ କ୍ରିଷ୍ଣନ ହ୍ୱାଇଟ୍ ହାଉସ୍‌ର କୃତ୍ରିମ ବୁଦ୍ଧିମତା ବିଭାଗର ବରିଷ୍ଠ ନୀତି ପରାମର୍ଶଦାତା ନିଯୁକ୍ତ ।

- ଦେଶ ବିକାଶରେ କୃଷକଙ୍କ ଅବଦାନକୁ ସମ୍ମାନ ଜଣାଇ ଆଜି ପାଳିତ ହେଉଛି ଜାତୀୟ କୃଷକ ଦିବସ ।

ଏବଂ

- ଉତ୍ତର ଭାରତରେ ପ୍ରବଳ ଶୀତଲହରୀ ଅନୁଭୂତ ।

# ପିଏମ୍ ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଗତ ଦେଢ଼ବର୍ଷ ମଧ୍ୟରେ ଦେଶର ଯୁବବର୍ଗଙ୍କୁ ୧୦ଲକ୍ଷ ସରକାରୀ ଚାକିରୀ ପ୍ରଦାନ କରାଯାଇଛି । ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୭୧ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ସେ କହିଛନ୍ତି ଗତ ୧୦ବର୍ଷ ଧରି ଦେଶର ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଓ ପ୍ରତିଷ୍ଠାନରେ ଯୁବାବର୍ଗଙ୍କୁ ଚାକିରୀ ଦେବାଲାଗି ଅଭିଯାନ ଚାଲିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ରୋଜଗାର ମେଳା ଯୁବବର୍ଗଙ୍କୁ ସଶକ୍ତ କରିବା ସହ ସେମାନଙ୍କ ସାମର୍ଥ୍ୟକୁ ଲୋକଲୋଚନକୁ ଆଣିବା ଦିଗରେ ଏକ ପ୍ରମୁଖ ମଞ୍ଚ ପାଲଟିଛି । ସେ କହିଛନ୍ତି ସରକାରଙ୍କ ପ୍ରାଥମିକତା ହେଉଛି ଯୁବବର୍ଗଙ୍କ ସାମର୍ଥ୍ୟ ଓ ପ୍ରତିଭାକୁ ସମ୍ପୂର୍ଣ୍ଣ ରୂପେ ଉପଯୋଗ କରିବା । ସରକାରଙ୍କ ନୀତି ଓ ନିଷ୍ପତ୍ତି ଯୋଗୁଁ ଗ୍ରାମୀଣ ଭାରତରେ ରୋଜଗାର ଏବଂ ସ୍ୱ-ରୋଜଗାର ପାଇଁ ନୂତନ ସୁଯୋଗ ସୃଷ୍ଟି ହେଉଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଭାରତ ସଂକଳ୍ପ ନେଇଛି ବୋଲି ସେ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମେକ୍ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଅଭିଯାନ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଭଳି ଅନେକ ଯୋଜନା ମାଧ୍ୟମରେ ଯୁବବର୍ଗଙ୍କୁ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି ।

**V/O-**

ପ୍ରଧାନମନ୍ତ୍ରୀ କହିଛନ୍ତି ମହାକାଶ କ୍ଷେତ୍ରରେ ଭାରତ ତାର ନୀତିକୁ ପରିବର୍ତ୍ତନ କରି ପ୍ରତିରକ୍ଷା କ୍ଷେତ୍ରରେ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛି ଏବଂ

ଏଥିରୁ ଦେଶର ଯୁବବର୍ଗ ସର୍ବାଧିକ ଉପକୃତ ହୋଇଛନ୍ତି । ସେ କହିଛନ୍ତି ଭାରତ ମୋବାଇଲ ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋ ସିଷ୍ଟମରେ ପରିଣତ ହୋଇଛି ।

ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ୭୧ହଜାର ନିଯୁକ୍ତି ମଧ୍ୟରେ ଅର୍ଦ୍ଧସାମରିକ ବାହିନୀରେ ୫୦ହଜାର ନିଯୁକ୍ତି ହୋଇଥିବାବେଳେ ଓବିସି ସମ୍ପ୍ରଦାୟର ଲୋକଙ୍କୁ ୨୧ହଜାର ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି ।

ସୂଚନାଯୋଗ୍ୟ ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଆୟୋଜନ କରାଯାଇଥିବାବେଳେ ସ୍ୱରାଷ୍ଟ୍ର ବ୍ୟାପାର, ଡାକ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଆର୍ଥିକ ସେବା ମନ୍ତ୍ରଣାଳୟରେ ନିଯୁକ୍ତି ଦିଆଯାଇଛି । ୨୦୨୨ ଅକ୍ଟୋବର ମାସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତିମେଳା ଆରମ୍ଭ କରାଯାଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ୫୦ଟି ସହରରେ ୧୩ଟି ମେଳା ଆୟୋଜିତ ହୋଇସାରିଛି ।

## ନୀତିଆୟୋଗ ରିଭ୍ୟୁ ମିଟିଂ

ନୂଆଦିଲ୍ଲୀରେ ଆଜି କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ ଗୁଡ଼ିକର ସମୀକ୍ଷା ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ନୀତି ଆୟୋଗର ମୁଖ୍ୟ ପରିଚାଳନା ଅଧିକାରୀ ବି.ଭି.ଆର୍ ସୁବ୍ରମଣ୍ୟମ ଉଦ୍‌ଘାଟନ କରିଛନ୍ତି । ସେ କହିଛନ୍ତି ଭାରତକୁ ଏଭଳି ଏକ ଆଦର୍ଶକୁ ଆପଣେଇବାର ଆବଶ୍ୟକତା ରହିଛି, ଯେଉଁଠାରେ ତଥ୍ୟ ଆଧାରିତ ପ୍ରଶାସନିକ ନିଷ୍ପତ୍ତି ଗୁରୁତ୍ୱ ବହନ କରିବ । ସେ କହିଛନ୍ତି ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟ ପାଇଁ ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଗ୍ରହଣ କରାଯାଉଥିବା ନିଷ୍ପତ୍ତିଗୁଡ଼ିକ ତଥ୍ୟ

ଆଧାରିତ ବିଶ୍ଲେଷଣର ଫଳାଫଳ । ପରିସଂଖ୍ୟାନରେ ନିରନ୍ତର ଉନ୍ନତି ଓ ପୁନଃ ଦକ୍ଷତାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ଦେଶରେ ପରିସଂଖ୍ୟାନ ବ୍ୟବସ୍ଥାରେ ଚାଲିଥିବା ଉନ୍ନତି ସମ୍ପର୍କରେ ଶ୍ରୀ ସୁବ୍ରମଣ୍ୟମ କହିଛନ୍ତି ଏଥିରେ ନୂତନ ଜ୍ଞାନକୌଶଳ ଓ ତଥ୍ୟଗୁଡ଼ିକର ଯଥୋଚିତ ବ୍ୟବହାର କରାଯିବା ଆବଶ୍ୟକ । ତଥ୍ୟ ପରିଚାଳନାରେ ଥିବା ଆହ୍ୱାନଗୁଡ଼ିକ ବିଷୟରେ ସେ କହିଛନ୍ତି ଏ କ୍ଷେତ୍ରରେ ସରକାର ପଦକ୍ଷେପ ନେଉଛନ୍ତି ଏବଂ ଆବଶ୍ୟକ ସ୍ଥଳେ ଡାଟା ଲ୍ୟାବ ପ୍ରତିଷ୍ଠା ଭଳି ବ୍ୟବସ୍ଥା ଗ୍ରହଣ କରାଯାଉଛି ।

# ଟ୍ରମ୍ପ ଏଆଇ ଆଡଭାଇଜର

ଆମେରିକାର ଭାବି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ-ଆମେରିକୀୟ ଉଦ୍ୟୋଗୀ ଶ୍ରୀରାମ କ୍ରିଷ୍ଣନଙ୍କୁ ହ୍ୱାଇଟ୍ ହାଉସ୍‌ର କୃତ୍ରିମ ବୁଦ୍ଧିମତା ବିଭାଗର ବରିଷ୍ଠ ନୀତି ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି । ହ୍ୱାଇଟ୍ ହାଉସ୍ ଏଆଇ ଏବଂ କ୍ରିପ୍ଟୋ ଜାର୍ ଭାବେ ନିଯୁକ୍ତ ଡାଭିଡ ସାକ୍‌ଙ୍କ ସହିତ ଶ୍ରୀ କ୍ରିଷ୍ଣନ ମିଳିତଭାବେ କାର୍ଯ୍ୟ କରିବେ ଏବଂ ସେଠାକାର ସରକାରରେ ଏଆଇ ସମ୍ପର୍କିତ ନୀତି ନିର୍ଦ୍ଧାରଣ କରିବେ ।

ଏହି ଘୋଷଣା ପରେ ସାମାଜିକ ଗଣମାଧ୍ୟମରେ ଭାରତୀୟ-ଆମେରିକୀୟ ସମୁଦାୟ ଶ୍ରୀ କ୍ରିଷ୍ଣନଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଯୁକ୍ତି ବିଦ୍ୟା ଓ ନେତୃତ୍ୱ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇଛନ୍ତି ।

ସୂଚନାଯୋଗ୍ୟ ଚେନ୍ନାଇରେ ଜନ୍ମଗ୍ରହଣ କରିଥିବା ଶ୍ରୀ କ୍ରିଷ୍ଣନ ସ୍ନାତକ ଶିକ୍ଷା ଶେଷ ପରେ ଆମେରିକାରେ ମାଇକ୍ରୋସଫ୍ଟ ଉଇଣ୍ଡୋଜର ଜିଓର ପ୍ରତିଷ୍ଠାତା

ସଦସ୍ୟଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଏକାଧାରରେ ଜଣେ ଉଦ୍ୟୋଗୀ, ଅଭିଜ୍ଞ ବୈଷୟିକବିତ୍, ପ୍ରଡକାଷ୍ଟର ଏବଂ ଲେଖକ ଅଟନ୍ତି ।

## ଫାର୍ମର୍ସ ଡେ

ଦେଶ ବିକାଶରେ କୃଷକଙ୍କ ଅବଦାନକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ସମଗ୍ର ଦେଶରେ ଜାତୀୟ କୃଷକ ଦିବସ ପାଳନ କରାଯାଉଛି । ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ତ୍ୱରାନ୍ୱିତ ତଥା କୃଷି ଐତିହ୍ୟକୁ ସଂରକ୍ଷିତ ରଖିବାରେ କୃଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମାଜର ବିଭିନ୍ନ ବର୍ଗରେ ସ୍ମରଣ କରାଯାଉଛି । ଦେଶରେ କୃଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ତଥା ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଶାନ ମାନ-ଧନ ଯୋଜନା ଆଦି ଅନ୍ତର୍ଭୁକ୍ତ । ଏଥିରେ କୃଷକଙ୍କର ଆର୍ଥିକ ସୁରକ୍ଷା, କୃଷି କ୍ଷେତ୍ରରେ ଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି । ଚଳିତବର୍ଷ ଦେଶରେ ରେକର୍ଡ ପରିମାଣ ୩୩୨ ଦଶମିକ ୨ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଛି । ଏହା ପୂର୍ବବର୍ଷ ତୁଳନାରେ ଅଧିକ ବୋଲି ଜଣାପଡିଛି ।

## ପିଏମ୍-କ୍ରିସ୍‌ମସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ କ୍ରିସ୍‌ମସ୍ ଉତ୍ସବରେ ଯୋଗଦେବେ । କ୍ୟାଥଲିକ୍ ବିଶପ୍ ସମ୍ମିଳନୀ ଅଫ୍ ଇଣ୍ଡିଆ ଦ୍ୱାରା ଏହି

କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଡିନାଲ୍ ବିଶପ୍, ଚର୍ଚ୍ଚର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସମେତ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପ୍ରମୁଖ ନେତାମାନଙ୍କ ସହ ଭାବ ବିନିମୟ କରିବେ। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଦେଶର କ୍ୟାଥଲିକ୍ ଚର୍ଚ୍ଚର ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏପରି ଏକ କାର୍ଯ୍ୟକ୍ରମରେ ଯୋଗଦେବେ।

## ଏନ୍ଏଚ୍ଆର୍ସି-ତାମିଲନାଡୁ

ତାମିଲନାଡୁରେ ଅତି ଉଚ୍ଚରେ ଥିବା ବିଦ୍ୟୁତ୍ଲାଇନ୍ ମରାମତି ବେଳେ ବିଦ୍ୟୁତ୍ ଆଘାତରେ ୨ଜଣଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ ନୋଟିସ୍ ଜାରି କରିଛନ୍ତି । ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଗ୍ରହଣ କରି ଆୟୋଗ ତାମିଲନାଡୁର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ୨ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ ଗତ ସପ୍ତାହରେ ତାମିଲନାଡୁର ଜେନେରେସନ ଆଣ୍ଡ ଡିଷ୍ଟ୍ରିବ୍ୟୁସନ କର୍ପୋରେସନରେ ଠିକାରେ କାର୍ଯ୍ୟରତ ୨ଜଣ ବ୍ୟକ୍ତିଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା । ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ଜାତୀୟ ମାନବାଧିକାର ଆୟୋଗ କହିଛନ୍ତି ଯଦି ଏହି ଘଟଣା ସତ ହୋଇଥାଏ ତେବେ ଏହା ବିଦ୍ୟୁତ୍ ବିଭାଗର ଘୋର ଅବହେଳାକୁ ଦର୍ଶାଉଛି ।

## ବ୍ରାଜିଲ-ପ୍ଲେନ କ୍ରାସ୍

ବ୍ରାଜିଲର ଗ୍ରାମାଡୋ ସହରର ଏକ ପର୍ଯ୍ୟଟନସ୍ଥଳୀରେ ଗତକାଲି ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନରେ ଥିବା ସମସ୍ତ ୧୦ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ୧୨ଜଣରୁ ଅଧିଲୋକ ଆହତ

ହୋଇଥିବା ବ୍ରାଜିଲର ସାମରିକ ପ୍ରତିରକ୍ଷା ସଂସ୍ଥା ସୂଚନା ଦେଇଛି । ଦୁଇଟି ଇଞ୍ଜିନ ବିଶିଷ୍ଟ ପାଇପର ପିଏ-୪୨ ବିମାନଟି ଉଡାଣ କରିବାର କିଛିସମୟ ପରେ ଏକ ଘରର ଉପର ମହଲାକୁ ଧକ୍କା ଦେଇଥିଲା । ସୂଚନା ଅନୁଯାୟୀ ବିମାନର ମାଲିକ ତଥା ପାଇଲଟ ଲୁଇଜ କ୍ଲାଉଡିଓ ଗାଲେଜି ଏବଂ ତାଙ୍କ ପରିବାରର ୯ଜଣ ସଦସ୍ୟଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଅନ୍ୟ ୧୭ଜଣ ଆହତ ହୋଇଥିବାବେଳେ ୧୨ଜଣଙ୍କୁ ହସ୍ପିଟାଲରେ ରଖାଯାଇ ଚିକିତ୍ସା କରାଯାଉଛି ।

## ବିଜେପି ଏମ୍‌ପି ହସ୍ପିଟାଲ

ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ମୁକେଶ ରାଜପୁତଙ୍କୁ ଆଜି ଦିଲ୍ଲୀର ଆର୍‌.ଏମ୍‌.ଏଲ୍‌ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି । ଗତ ସପ୍ତାହରେ ସଂସଦ ଭବନ ପରିସରରେ ବିକ୍ଷୋଭ ପ୍ରଦର୍ଶନ ସମୟରେ ଉଭୟ ସାଂସଦ ଆହତ ହୋଇଥିଲେ ଓ ପରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସାଂସଦ ଶ୍ରୀ ଷଡ଼ଙ୍ଗୀ ଅଭିଯୋଗ କରିଥିଲେ ଯେ ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଜଣେ ସାଂସଦଙ୍କୁ ଧକ୍କା ଦେଇଥିଲେ ଏବଂ ସଂପୃକ୍ତ ସାଂସଦ ତାଙ୍କ ଉପରେ ପଡିଯିବାରୁ ସେ ଆହତ ହୋଇଥିଲେ ।

## ବିଜେପି-ଆପ୍‌ ଚାର୍ଜସିଟ୍‌

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆଜି ବିଜେପି ଦିଲ୍ଲୀ ସରକାରଙ୍କ ବିରୋଧରେ ଅଭିଯୋଗ ପତ୍ର ଜାରି କରିଛି । ଦଳର ବରିଷ୍ଠ ନେତା ଅନୁରାଗ ଠାକୁର, ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚ୍ଚଦେବା ଏବଂ ଅନ୍ୟ ନେତାମାନେ ଏହି ଅଭିଯୋଗପତ୍ର ଉନ୍ମୋଚନ କରି ଆମ୍‌ ଆଦ୍‌ମୀ

ପାର୍ଟି ସରକାରଙ୍କୁ ଅପାରଗ ବୋଲି କହିଛନ୍ତି । ଦଳ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି ବୋଲି ସେମାନେ କହିଛନ୍ତି ।

ଶ୍ରୀ ଠାକୁର କହିଛନ୍ତି ଆପ୍ ଆବାହକ ଅରବିନ୍ଦ କେଜରିୱାଲ ମିଥ୍ୟା ପ୍ରତିଶ୍ରୁତି ଦେଇ ଦିଲ୍ଲୀବାସୀଙ୍କୁ ବିଭ୍ରାନ୍ତ କରିଛନ୍ତି । ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ଜଳଜୀବନ ମିଶନ ଏବଂ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରୁନଥିବାରୁ ବିଜେପି ନେତା ଆମ୍ ଆଦ୍‌ମୀ ପାର୍ଟିକୁ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷରେ ପୂର୍ବାଞ୍ଚବାସୀଙ୍କୁ ଶ୍ରୀ କେଜରିୱାଲ ଅପମାନିତ କରିଥିବା ଶ୍ରୀ ଠାକୁର ଅଭିଯୋଗ କରିଛନ୍ତି । ଆଗାମୀ ବିଧାନସଭା ନିର୍ବାଚନରେ ଦିଲ୍ଲୀବାସୀ ଆପ୍‌କୁ ପରାସ୍ତ କରିବେ ବୋଲି ସେ କହିଛନ୍ତି ।

# ସାଉଥ୍ ଆଫ୍ରିକା ଆକ୍ସିଡେଣ୍ଟ

ଦକ୍ଷିଣ ଆଫ୍ରିକାରେ ଭିନ୍ନ ଭିନ୍ନ ଦୁର୍ଘଟଣାରେ ଗତକାଲି ୧୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି । ଲିମ୍ପୋପୋରେ ଏକ ରାଜପଥରେ ୭ଟି କାର୍ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ୭ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୫ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟଏକ ଘଟଣାରେ ଇଷ୍ଟର୍ଣ୍ଣ କେପ୍ ପ୍ରଦେଶରେ ଏକ ମିନିବସ୍ ଏବଂ ପିକ୍‌ଅପ୍ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୨ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଲୋକ ଆହତ ହୋଇଛନ୍ତି ।

# କୋଲ୍ଡ ଓ୍ୱେଭ

ଉତ୍ତର ଭାରତରେ ପ୍ରବଳ ଶୀତଲହରୀ ଅନୁଭୂତ ହେଉଥିବାବେଳେ ଜାମ୍ମୁକାଶ୍ମୀର, ହିମାଚଳପ୍ରଦେଶ, ପଞ୍ଜାବ ଏବଂ ମଧ୍ୟପ୍ରଦେଶରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ଏହିସବୁ ରାଜ୍ୟର ଅନେକଗୁଡ଼ିଏ ଜିଲ୍ଲା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

ହିମାଳୟ ଅଞ୍ଚଳରେ ଜାମ୍ମୁକାଶ୍ମୀର ଏବଂ ହିମାଚଳପ୍ରଦେଶରେ ବରଫପାତ ଯୋଗୁଁ ଜଳପ୍ରପାତ ଓ ଝରଣାଗୁଡ଼ିକ ବରଫାବୃତ୍ତ ହେବାଭଳି ଅବସ୍ଥାକୁ ଆସିଯାଇଛି । ଗତରାତିରେ ଶ୍ରୀନଗରରେ ସର୍ବନିମ୍ନ ତାପମାତ୍ରା ମାଇନସ ୬ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଚଣ୍ଡିଗଡରେ ଶୂନ୍ ଦଶମିକ ୮ଡିଗ୍ରୀ, ପଞ୍ଜାବର ଆଦମପୁରରେ ୧ ଦଶମିକ ୮ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ଅମ୍ରିତସର ଓ ଲୁଧିଆନାରେ ଘନ କୁହୁଡି ଯୋଗୁଁ ଦୃଶ୍ୟମାନ ଦୂରତା ୧୦୦ମିଟର ହ୍ରାସ ପାଇଛି । ରାଜସ୍ଥାନରେ ପ୍ରବଳ ଶୀତଲହରୀ ଅନୁଭୂତ ହେଉଥିବାବେଳେ କରୌଲିରେ ସର୍ବନିମ୍ନ ତାପମାତ୍ରା ୪ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଅଳ୍ପ ବର୍ଷା ଓ ଘନ କୁହୁଡି ଅନୁଭୂତ ହୋଇଛି ।

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଡିସେମ୍ବର ୨୬ରୁ ଉତ୍ତର-ପଶ୍ଚିମ ଭାରତରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେବ । ଡିସେମ୍ବର ୨୭ରେ ଦକ୍ଷିଣ-ପଶ୍ଚିମ ରାଜସ୍ଥାନରେ ଘୂର୍ଣ୍ଣିବଳୟ ସୃଷ୍ଟି ସହ ଡିସେମ୍ବର

୨୮ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଓ ଥଣ୍ଡା ଅନୁଭୂତ ହେବ ବୋଲି ଅନୁମାନ କରାଯାଉଛି ।

ଉତ୍ତରାଖଣ୍ଡ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସେଠାରେ ୩ହଜାର ମିଟର ଉଚ୍ଚରେ ବରଫପାତ ହୋଇଥିବାବେଳେ କେତେକ ସ୍ଥାନରେ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ପାଇଛି । ଅନ୍ୟପକ୍ଷରେ ଲଦାଖରେ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ଧରଣର ବରଫପାତ ହେବାର ସମ୍ଭାବନା ରହିଛି ।